ସମାଜ - ତା- 31.3.11

# ବସୁନ୍ଧରା ଯୋଜନା ସମ୍ପର୍କିତ ସଚେତନ କାର୍ଯ୍ୟକ୍ରମ

ବ୍ରହ୍ମପୁର,ତା୩୦।୩(ନି.ପ୍ର)- ରାଜ୍ୟର ଘର ଡ଼ିହ ନଥିବା ପରିବାରକୁ ବାସ ଉପଯୋଗୀ ଜମି ଯୋଗାଇ ଦେବା ନିମନ୍ତେ ସରକାରଙ୍କ ପକ୍ଷରୁ ବସୁନ୍ଧରା ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ସମ୍ପର୍କିତ ଏକ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇନା ପକ୍ଷରୁ ସ୍ଥାନୀୟ ବିସିସି ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଛି। ଆଇନାର ସଂଯୋଜକ ଦେବାଶିଷ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଯାଜ୍ଞସେନୀର ରାଜ୍ୟ ସଂଯୋଜକ ପ୍ରଣତି ମିଶ୍ର ଏବଂ ସେବାର ସମ୍ପାଦିକା ଅଳକା ସାହୁ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଏହି ଯୋଜନାର ଲକ୍ଷ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇ ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଭୂମିହୀନଙ୍କ ପାଇଁ ଜମିପଟ୍ଟା ଅଧିକାର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୁକୁଡ଼ାଖଣ୍ଡି, ହିଞ୍ଜିଳି, ଦିଗପହଣ୍ଡି, ବୁଗୁଡ଼ା, ଭଞ୍ଜନଗର ପ୍ରଭୃତି ବ୍ଲକରୁ ପ୍ରାୟ ୫୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।